# ବାସାୟନ

କବି ରଘୁନାଥ ଦାସ

ଲେଖିବାକୁ    ବହୁତ କବିତା    ରହିଗଲା ବାକି ;
ସାଧିବାକୁ    ଅଛି ଏବେ ଆଉ    ଅନେକ ରାଗିଣୀ;
ଧରିତ୍ରୀର    ସକଳ ସୁଷମା    ପାରିନି ତ ଆଙ୍କି;
ନୂଆ କେତେ    ନାଚିବାକୁ ଚାହେଁ    ନାଚି ତ ପାରିନି;
କହିବାର    ଅଛି ମୋର ଜାଣ    ଅନେକ ଯେ କଥା;
ଜୁଆର ତ    ସରି ଆସେ ଏବେ    ଟାଣିଲାଣି ଭଟ୍ଟା;
ଚାହିଁ ଚାହିଁ    ରଙ୍ଗା ହେଲା ମୋର    ପଶ୍ଚିମ ଗଗନ
ହେ ମୋର ନନ୍ଦନ ।

ପଢ଼ିବାକୁ    ରହିଗଲା ବାକି    ବହୁ ବହୁ ଗ୍ରନ୍ଥ;
ଶିଖିବାକୁ    ମୋର ଅଛି ପୁଣି    ଅନେକ କୌଶଳ,
ଜାଣିବାକୁ    ବାକି ଅଛି ମୋର    ଅସଂଖ୍ୟ ଯେ ତଥ୍ୟ;
ଲେଖିବାକୁ    ଅଛି ଫଳାଫଳ    କେତେ ସିଦ୍ଧାନ୍ତର;
ତରିବାକୁ    ଚାହିଁ ଥିଲି ମୁହିଁ    ଜ୍ଞାନର ସମୁଦ୍ର;
ଜୀବନଟା    ମୋତେ ଲାଗେ    ସତେ ଅତିଶୟ କ୍ଷୁଦ୍ର;
ହାୟ ହାୟ    ତରୀ ବାନ୍ଧୁ ବାନ୍ଧୁ    ସରିବ ଜୀବନ;
ହେ ମୋର ନନ୍ଦନ ।

www.jatayu.org

Powered by Tekons

# ବାସ୍ତାୟନ

କବି ରଘୁନାଥ ଦାସ

ଚର୍ବ୍ୟ ଚୋଷ୍ୟ ରସବନ୍ତ ଫଳେ ଅତୃପ୍ତ ମୋ କ୍ଷୁଧା;
ଦେଖିବାକୁ ଚାହିଁଥିଲି ଦୃଶ୍ୟ ଅନେକ ଆହୁରି;
ଚାଖିବାକୁ ରହିଗଲା ବାକି ବହୁତ ତ ସୁଧା;
ପାରିନି ତ ଉପଭୋଗି ସବୁ ଗନ୍ଧର ମାଧୁରୀ;
ଭୃଙ୍ଗଭଳି ଚାହିଁଥିଲି ଚୁମି ସହସ୍ର ଚିବୁକ;
ମୋ ଜୀବନେ କୃଷ୍ଣ ଠାରୁ ବଳି ହେବି ମୁଁ ରସିକ;
ତନୁ ମନ ଗ୍ରାସିଲା ବର୍ଦ୍ଧକ୍ୟ; ଝଡିଲା ମୌଚନ;
ହେ ମୋର ନନ୍ଦନ ।

ହାଲି ମୁଁ ତ ପୋତିଛି ଟାକୁଆ ବାଡି ବଗିଚାରେ;
ପାଞ୍ଚସାଲେ ଧରିବ ବଉଳ ଡ଼ାଳ ପତ୍ର ମେଲି;
ରସୁଆଳ ତା' ଭଳି ନଥିବ ଦଶଖଣ୍ଡି ଗାଁରେ;
ହେଜୁଥିବୁ ବାପବୁଢ଼ା ମୋର ପୋତିଥିଲା ବୋଲି;
ମୋ ନାତିକୁ କହିବୁ ଗରବେ ମୋ ବାପ ସମ୍ପତ୍ତି'
ତୋ ଆହ୍ଲାଦେ ମୋ ଆତ୍ମା ଜାଣିବୁ ଲଭିବ ତୃପତି,
ବେଳ ହେଲା ପାଚିଲା ଆମ୍ବ ମୁଁ ଗଣେ ବସି ଦିନ ।
ହେ ମୋର ନନ୍ଦନ ।

ମୁଁ ମୂରୁଖ କହନ୍ତି ସଭିଏଁ ପଢ଼ିନାହିଁ ପାଠ;

www.jatayu.org

# ବାତ୍ସାୟନ

କବି ରଘୁନାଥ ଦାସ

ଧାନ ବିକି  ପଠାଉଛି ତୋତେ  ମୁଠା ମୁଠା ଟଙ୍କା
ବାବୁ ଭଳି  ପିନ୍ଧିବୁ ପୋଷାକ,  ଟୋପି କୋଟ୍‌ପ୍ୟାଣ୍ଟ;
ଦି ଅକ୍ଷର  ଶିଖିବୁ ସେଥିରୁ-  ଗାର ବଙ୍କା ବଙ୍କା ।
ତୁ ଜାଣୁ ତ,  ମୋ ଦିହକ ଗଲା  କରି କରି ହଳ,
ଭରସା ମୋ,  ତୁ ହେବୁ ରେ ବାବୁ  କୁଳକୁ ଉଜ୍ଜଳ ।
ପିଣ୍ଡଦେବୁ ଯେବେ,  ବାପୁଡାକୁ  କରିବୁ ସ୍ମରଣ;
ହେ ମୋର ନନ୍ଦନ ।

ମୁହିଁ କ୍ଷିତି,  ସର୍ବଂସହା ହେବି  ଯେସନେ ଧରିତ୍ରୀ;
ଅପ୍ ମୁହିଁ.  ଚାହେଁ ମେଣ୍ଟାଇବି  ସଭିଙ୍କ ପିପାସା;
ମୁଁ ମରତ  ବହିବି ସର୍ବତ୍ର  ଚଞ୍ଚଳ ପ୍ରକୃତି;
ମୁଁ ତେଜଃ  ଜାଳିବାକୁ ଚାହେଁ  ସମଳ ତମିସ୍ରା;
ବ୍ୟୋମ ମୁଁ ଯେ,  ଚାହେଁ ବ୍ୟାପ୍ତ ହେବି  ସମଗ୍ର ବିଶ୍ବରେ;
ପଞ୍ଚଭୂତେ  ଗଢ଼ା ମୁଁ ହୋଇଛି  ନଶ୍ବର ଶରୀର
ଧରାକୋଳେ  ଜନମିଲି ଯେବେ,  ଧ୍ରୁବ ମୋ ମରଣ;
ହେ ମୋର ନନ୍ଦନ ।

ହେ ମୋର ସନ୍ତାନ,  ହେ ମୋର ନନ୍ଦନ!  ଜନ୍ମିନୁ ଜନ୍ମିନୁ କେଉଁ
କାମଦେବ ଔରସୁ ତୁ,  ନୁହେଁ ସେ ତୋ □□□ ।  କାମନାର ବରପୁତ୍ର ତୁହି,

www.jataayu.org

# ବାଷ୍ପାୟନ

କବି ରଘୁନାଥ ଦାସ

ବାଞ୍ଛାବଟ ଆରେ, ମୋର ସୁକଲ୍ୟାଣ
ଆକାଂକ୍ଷିତ ନବାଗତ ତୁ ଯେ, ନୋହୁଁ ଅକସ୍ମାତ୍ ।
ତୁହିଁ ମୋର ନବଜନ୍ମ, ମୋର ଅମୃତ ସଂଧାନ ।
ମୋର ଦେହ ଲଭିଛି ତୋ ଠାରେ ନବକଳେବର;
ପ୍ରାଣମୋର ମୃତ୍ୟୁର କବଳୁ ହୋଇଛି ଅମର ।
ପ୍ରକୃତିର ଅନିର୍ବାର ଜଳେ ଏଥି କାଳଚିତା;
ମରଘଟ ମୁଁ ତେଜିଛି କିନ୍ତୁ ମରିନି ତୋ ପିତା ।
ହେ ମୋର ନନ୍ଦନ
ମୁଖାଗ୍ନି ଦେ'ରେ-
ସେହି ମୋ ଚନ୍ଦନ ।

(*ସନ୍ତାନ ପିତାମାତାଙ୍କ କାମପ୍ରସୂତ ଏକ ଆକସ୍ମିକ ଘଟଣା ବୋଲି ଅବକ୍ଷୟୀ ଦାର୍ଶନିକ ଚିନ୍ତାଧାରାର ବିରୋଧାଭାସ ।)

www.jatayu.org